






MANGALACARAN

For Bhagavad Gita and Srimad Bhagavatam





Mangalacharan Prayers



ॐ अज्ञान तिमिरान्धस्य ज्ञानाञ्जनशलाकया।
चक्षुरुन्मीलितं येन तस्मै श्री गुरवे नमः॥

श्री चैतन्य मनोभीष्ठं स्थापितं येन भूतले
स्वयंरूपः कदा महां ददाति स्वपदांतिकं

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁର୍ ଉନ୍‌ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।।
ଶ୍ରୀଚୈତନ୍ୟ ମନୋଽଭୀଷ୍ଟମ୍ ସ୍ଥାପିତମ୍ ଯେନ ଭୂତଳେ ।
ସ୍ୱୟଂ ରୂପଃ କଦା ମହ୍ୟମ୍ ଦଦାତି ସ୍ୱ ପଦାନ୍ତିକଂ ।।

ମୁଁ ଘନଅନ୍ଧକାର-ଅଜ୍ଞାନାନ୍ଧକାର ମଧ୍ୟରେ ଜନ୍ମ ହୋଇଥିଲି ଏବଂ ମୋର ଗୁରୁ ଜ୍ଞାନାଲୋକ ଦ୍ୱାରା ମୋର ଚକ୍ଷୁ ଖୋଲିଦେଲେ । ମୁଁ ତାଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଯେଉଁ ଶ୍ରୀଲ ରୂପଗୋସ୍ୱାମୀ ପ୍ରଭୁପାଦ ଏ ଭୌତିକ ଦୁନିଆରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଲକ୍ଷ୍ୟପୂରଣ କରିବା ନିମିତ୍ତ ଏହି ଜ୍ଞାନ ସଂସ୍ଥାପନ କରିଯାଇଛନ୍ତି, ସେ କେବେ ତାଙ୍କ ପାଦପଦ୍ମରେ ମୋତେ ଆଶ୍ରୟ ଦେବେ ?

Mangalacharan Prayers

वंदेऽहं श्रीगुरोः श्रीयुतपदकमलं श्रीगुरुन् वैष्णवाँश्च,
श्रीरूपं साग्रजातं सहगण रघुनाथान्वितं तं सजीवम्।
साद्वैतं सावधूतं परिजन सहितं कृष्ण चैतन्य देवं,
श्री राधाकृष्ण पादान् सहगण ललिता श्री विशाखान्वितांश्च॥

ବନ୍ଦେଽହଂ ଶ୍ରୀଗୁରୋଃ ଶ୍ରୀଯୁତ ପଦକମଳଂ ଶ୍ରୀଗୁରୁନ ବୈଷ୍ଣବାଂଶ୍ଚ ।
ଶ୍ରୀ ରୂପମ୍ ସାଗ୍ରଜାତମ୍ ସହଗଣ-ରଘୁନାଥନ୍ୱିତଂ ତଂ ସଜୀବମ୍ ।।
ସାଦ୍ୱୈତଂ ସାବଧୂତଂ ପରିଜନ ସହିତଂ କୃଷ୍ଣ-ଚୈତନ୍ୟ ଦେବମ୍ ।
ଶ୍ରୀରାଧା-କୃଷ୍ଣ ପାଦାନ୍ ସହଗଣ-ଲଳିତା ଶ୍ରୀବିଶାଖାନ୍ୱିତାଂଶ୍ଚ ।।

ମୋର ଶ୍ରୀଗୁରୁଙ୍କର ପାଦପଦ୍ମରେ ଏବଂ ସମସ୍ତ ବୈଷ୍ଣବଙ୍କର ପାଦପଦ୍ମରେ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀଳ ରୂପଗୋସ୍ୱାମୀ, ତାଙ୍କର ଜ୍ୟେଷ୍ଠଭ୍ରାତ ଶ୍ରୀଳ ସନାତନ ଗୋସ୍ୱାମୀ, ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ, ଶ୍ରୀ ରଘୁନାଥ ଭଟ୍ଟ, ଶ୍ରୀ ଗୋପାଳ ଭଟ୍ଟ ଏବଂ ଶ୍ରୀ ଜୀବଗୋସ୍ୱାମୀଙ୍କର ପାଦପଦ୍ମରେ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ, ଗଦାଧର, ଶ୍ରୀବାସ ଓ ଅନ୍ୟ ସାଥିଗଣଙ୍କ ସହ ଶ୍ରୀକୃଷ୍ଣ-ଚୈତନ୍ୟ ଏବଂ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କୁ

ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀ ଲଳିତା ଓ ଶ୍ରୀ ବିଶାଖା ଆଦି ସଖୀବୃନ୍ଦଙ୍କ ସହ ଶ୍ରୀମତୀ ରାଧାରାଣୀ ଏବଂ ଶ୍ରୀକୃଷ୍ଣଙ୍କୁ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

हे कृष्ण करुणा-सिंधु, दीन-बन्धु जगत्पते ।
गोपेश गोपिकाकान्त राधाकान्त नमोस्तुते ॥

ହେ କୃଷ୍ଣ କରୁଣାସିନ୍ଧୋ ଦୀନବନ୍ଧୋ ଜଗତ୍‌ପତେ ।
ଗୋପେଶ ଗୋପିକା-କାନ୍ତ ରାଧାକାନ୍ତ ନମସ୍ତୁତେ ।।

ହେ ପ୍ରିୟ କୃଷ୍ଣ ! ଆପଣ ଦୁଃଖୀର ବନ୍ଧୁ ଏବଂ ସୃଷ୍ଟିର ମୂଳ ଅଟନ୍ତି । ଆପଣ ଗୋପୀମାନଙ୍କର ପ୍ରଭୁ ଏବଂ ଶ୍ରୀମତୀ ରାଧାରାଣୀଙ୍କର ପ୍ରେମିକ ଅଟନ୍ତି । ମୁଁ ଆପଣଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

Mangalacharan Prayers

तपत-कांचन गौरांगी, राधे वृन्दावनेश्वरी ।
वृषभानु सुते देवी, प्रणमामि हरी प्रिये ॥

ତପ୍ତକାଞ୍ଚନ ଗୌରାଙ୍ଗୀ ରାଧେ ବୃନ୍ଦାବନେଶ୍ୱରୀ ।
ବୃଷଭାନୁ ସୁତେ ଦେବୀ ପ୍ରଣମାମି ହରିପ୍ରିୟେ ।।

ମୁଁ ସେହି ଶ୍ରୀମତୀ ରାଧାରାଣୀଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି, ଯାହାଙ୍କର ଶରୀରକାନ୍ତି ଆଉଟା ସୁନାଭଳି ଏବଂ ଯେ କି ବୃନ୍ଦାବନର ଅଧୀଶ୍ୱରୀ ଅଟନ୍ତି ।

ହେ ଶ୍ରୀମତୀ ରାଧାରାଣୀ ! ଆପଣ ରାଜା ବୃଷଭାନୁଙ୍କର କନ୍ୟା ଏବଂ ଆପଣ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ।


वांछा-कल्पतरूभयशच कृपा-सिंधुभय एव च ।
पतितानाम पावने भयो वैष्णवे नमो नमः ॥

ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।
ପତିତାନାମ୍ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋନମଃ ।।

ଭଗବାନଙ୍କର ଯେଉଁ ବୈଷ୍ଣବ ଭକ୍ତଗଣ ବାଞ୍ଛାକଳ୍ପତରୁ ସଦୃଶ ସମସ୍ତଙ୍କର କାମନା ପୂରଣ କରିପାରନ୍ତି ଏବଂ ଯେଉଁମାନେ ପତିତ ଜୀବମାନଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ, ସେହି ଭକ୍ତ ବୈଷ୍ଣବଗଣଙ୍କୁ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

Mangalacharan Prayers

Srila Prabhupada pranati



नमः ॐ विष्णु पादय, कृष्ण पृष्ठाय भूतले,
श्रीमते भक्ति वेदांत स्वामिन इति नामिने ।
नमस्ते सरस्वते देवे गौर वाणी प्रचारिणे,
निर्विशेष शून्य-वादी पाश्चात्य देश तारिणे ।।

ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀନିତି-ନାମିନେ।
ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ।
ନିର୍ବିଶେଷ-ଶୂନ୍ୟବାଦୀପାଶ୍ଚାତ୍ୟ ଦେଶ ତାରିଣେ।

Mangalacharan Prayers

ଦିବ୍ୟ କୃପା ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କୁ ମୋର ସଦୟ ପ୍ରଣାମ ଅର୍ପଣ କରୁଛି, ଯିଏ ଭଗବାନ କୃଷ୍ଣଙ୍କ ଅତ୍ୟନ୍ତ ପ୍ରିୟ, ତାଙ୍କ ଚରଣ କମଳରେ ଆଶ୍ରୟ ନେଇଛନ୍ତି।

ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ସେବକ, ହେ ଆଧ୍ୟାତ୍ମିକ ଗୁରୁ, ଆପଣଙ୍କୁ ଆମର ସଦୟ ପ୍ରଣାମ। ଆପଣ ଭଗବାନ ଚୈତନ୍ୟଦେବଙ୍କ ବାର୍ତ୍ତାକୁ ଦୟାପୂର୍ବକ ପ୍ରଚାର କରୁଛନ୍ତି ଏବଂ ନୈରାଶ୍ୟବାଦ ଏବଂ ଶୂନ୍ୟତାରେ ପରିପୂର୍ଣ୍ଣ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଉଦ୍ଧାର କରୁଛନ୍ତି।



जय श्री कृष्ण चैतन्य, प्रभु नित्यानंद,
श्री अद्वैत, गदाधर, श्रीवास आदि गौर भक्त वृन्द ।।

ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ
ଶ୍ରୀ ଅଦୈତ୍ ଗଦାଧର ଶ୍ରୀ ବାସାଦି ଗୌର ଭକ୍ତ ବୃନ୍ଦ ।

ମୁଁ ଶ୍ରୀକୃଷ୍ଣ ଚୈତନ୍ୟ, ପ୍ରଭୁ ନିତ୍ୟାନନ୍ଦ, ଶ୍ରୀ ଅଦ୍ୱୈତ, ଗଦାଧର, ଶ୍ରୀବାସ ଏବଂ ଅନ୍ୟ ସମସ୍ତ ଭକ୍ତଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

Mangalacharan Prayers




ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେରାମ ହରେରାମ ରାମରାମ ହରେ ହରେ ।

ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେରାମ ହରେରାମ ରାମରାମ ହରେ ହରେ ।

ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେରାମ ହରେରାମ ରାମରାମ ହରେ ହରେ ।

ଓଁ ନମଃ ଭଗବତେ ବାସୁଦେବାୟ
ଓଁ ନମଃ ଭଗବତେ ବାସୁଦେବାୟ
ଓଁ ନମଃ ଭଗବତେ ବାସୁଦେବାୟ

Mangalacharan Prayers



<u>ଶ୍ରୀମଦ୍ ଭାଗବତମ୍ ପ୍ରାର୍ଥନା</u>

नारायणं नमस्कृत्य नरं चैव नरोत्तमम् ।
देवीं सरस्वतीं व्यासं ततो जयमुदीरयेत् ॥

(Śrīmad-Bhāgavatam 01.02.04)

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋ ଜୟମୁଦୀରୟେତ୍ ॥

ଆମର ବିଜୟର ପରମ ସାଧନ ଶ୍ରୀମଦ୍ ଭାଗବତମ୍—କଥାର ଆରମ୍ଭ ପୂର୍ବରୁ ମୁଁ ଭଗବାନ୍ ନାରାୟଣଙ୍କୁ ସାଦର ପ୍ରଣାମ କରୁଛି ଏବଂ ସର୍ବୋଚ୍ଚ ମାନବ ନର–ନାରାୟଣ ଋଷିଙ୍କୁ, ବିଦ୍ୟାର ଦେବୀ ମାତା ସରସ୍ୱତୀଙ୍କୁ ତଥା ଶ୍ରୀଳ ବ୍ୟାସଦେବଙ୍କୁ ପ୍ରଣାମ କରୁଅଛି।

Mangalacharan Prayers

नष्टप्रायेष्वभद्रेषु नित्यं भागवतसेवया ।
भगवत्युत्तमश्लोके भक्तिर्भवति नैष्ठिकी ॥
(Śrīmad-Bhāgavatam 01.02.18)

ନଷ୍ଟପ୍ରାୟେଷ୍ୱଭଦ୍ରେଷୁ ନିତ୍ୟଂ ଭାଗବତ–ସେବୟା ।
ଭଗବତ୍ୟୁତ୍ତମ ଶ୍ଳୋକେ ଭକ୍ତିର୍ଭବତି ନୈଷ୍ଠିକୀ ॥

ଶ୍ରୀମଦ୍ ଭାଗବତମ୍‌ର ନିୟମିତ ଶ୍ରବଣ ଏବଂ ଶୁଦ୍ଧଭକ୍ତଙ୍କର ସେବାକଲେ ହୃଦୟର ସମସ୍ତ ଯନ୍ତ୍ରଣାଦାୟକ ସମସ୍ୟା ସମାପ୍ତି ହୋଇଯାଏ ଏବଂ ଦିବ୍ୟ ପ୍ରାର୍ଥନା ବା ସ୍ତୋତ୍ରଦ୍ୱାରା ସଂସ୍ତୁତ ମହାମହିମାମୟ ଭଗବାନଙ୍କ ପ୍ରେମମୟ ସେବା ବା ଭକ୍ତି ସୁପ୍ରତିଷ୍ଠିତ ହୋଇଯାଏ ।

मूकं करोति वाचालं पङ्गुं लङ्घयते गिरिं ।
यत्कृपा तमहं वन्दे परमानन्द माधवम् ॥
(Caitanya-caritamrta Madhya-lila 17.80)

ମୂକଂ କରୋତି ବାଚାଳଂ ପଙ୍ଗୁ ଲଂଘୟତେ ଗିରିମ୍ ।
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ–ମାଧବମ୍ ॥

"ପରମପୁରୁଷ ଭଗବାନ୍ ସଚ୍ଚିଦାନନ୍ଦ ବିଗ୍ରହ ଅଟନ୍ତି । ମୁଁ ସେହି ମାଧବଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି–ଯାହାଙ୍କ କୃପାବଳରେ ମୂକ ବାଚାଳ ବକ୍ତା ହୁଏ ଏବଂ ପଙ୍ଗୁ ପର୍ବତ ଲଂଘନ କରେ । ଭଗବାନ୍‌ଙ୍କର କରୁଣା ଏହି ପ୍ରକାରର ଅଟେ ।"

ହରି ଓଁ ତତ୍ ଶତ୍
ହରି ଓଁ ତତ୍ ଶତ୍
ହରି ଓଁ ତତ୍ ଶତ୍